# Akashvani, Sambalpur

## SAMBALPURI NEWS EVENING BULLETIN

## 28 March 2024- 7.02 pm- 7.12 pm.

*********************************************

୧- ଭିତିଭୂମି ନିର୍ମାଣ ପ୍ରକଳ୍ପ ମାନ୍‌କୁ ଜଲ୍‌ବାୟୁ ଅନୁକୂଲ ଆର୍ ଶକ୍ତିଶାଲୀ କର୍‌ବାର୍ ଦର୍‌କାର୍ -କହେଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ।

୨- ଲୋକ୍‌ସଭା ନିର୍ବାଚନ୍‌ର ୨ ନମ୍ବର୍ ଖେପ୍ ଲାଗି ଆଏଜ୍‌ଠାନୁ ମୁଲ୍ ହେଲା ନାମାଙ୍କନ୍ ଦାଖଲ୍ ପ୍ରକ୍ରିୟା ।

୩- ବିଶ୍ୱବିଦ୍ୟାଲୟମାନ୍‌କେ ପିଏଚ୍‌ଡି ପାଠ୍ୟକ୍ରମ୍‌ଥି ନାଁଲେଖାବାର୍ ଲାଗି ଦେବାର୍‌କେ ପଡ଼୍‌ବା ନେଟ୍ ପରୀକ୍ଷା ।

ଆଉର୍

୪- ରାଜ୍ୟର୍ ଭିନ୍ ଭିନ୍ ଇଲାକା ନ ଆଏବା ୩ ଦିନ୍ ଭିତ୍‌ରେ ୨ ନୁ ୩ ଡିଗ୍ରୀ ସେଲ୍‌ସିଅସ୍ ବଢ଼୍‌ବା ତାତି ।

ରାଷ୍ଟ୍ରପତି       ଏନ୍ଏସ୍ଡି

ଭିତିଭୂମି ଆଉ ନିର୍ମାଣ ପ୍ରକଳ୍ପ ମାନ୍କୁ ଜଲ୍ବାୟୁ ଅନୁକୂଳ ଆଉ ଶକ୍ତିଶାଳୀ କର୍ବାର୍ ଉପ୍ରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଜୋର୍ ଦେଇଛନ୍ । ଆଏଜ୍ ନୂଆଦିଲ୍ଲୀର୍ ରାଷ୍ଟ୍ରପତି ଭବନ୍ ନ କେନ୍ଦ୍ରୀୟ ପୂର୍ତ ବିଭାଗ୍- ସିପିଡବ୍ଲୁଡି ସହକାରୀ ନିର୍ବାହୀ ଯନ୍ତ୍ରୀମାନ୍କୁ ଉଦ୍ବୋଧନ୍ ଦେଇକରି ରାଷ୍ଟ୍ରପତି କହିଛନ୍ ଯେ, କୋଠା, ସଡ଼କ୍ ଆଉ ଅଲ୍ଗା ଭିତିଭୂମି ସ୍ଥାୟୀ, ଶକ୍ତିଦକ୍ଷ ପରିବେଶ୍ ଅନୁକୂଳ ହେବାର୍ ଉଚିତ୍ । ଇଞ୍ଜିନିୟର୍ମାନେ ସେମାନ୍କର୍ ଅଭିମୁଖ୍ୟଥି ଅଭିନବ ହେବାର୍ ଦର୍କାର୍ ଯେନ୍ଥି ସେମାନେ ଉଦୀୟମାନ୍ ଆହ୍ୱାନ୍ର ପ୍ରଭାବଶାଳୀ ମୁକାବିଲା କରିପାର୍ବେ । ଆର୍ଟିଫିସିଆଲ୍ ଇଂଟଲିଜେନ୍ସ, ମେସିନ୍ ଲର୍ଣ୍ଣିଂ ଆର୍ ରୋବଟ୍ ବାଗିର୍ ନୂଆଁ ଆର୍ ଉଦୀୟମାନ୍ ଜ୍ଞାନ୍ କୌଶଲ୍ ପାରମ୍ପରିକ୍ ଚିନ୍ତାଧାରାକେ ବଦ୍ଲଉଛେ ବଲି ରାଷ୍ଟ୍ରପତି କହିଛନ୍ । ସବୁଜ ନିର୍ମାଣ ସମୟର ଆବଶ୍ୟକତା ଆଉ ନିର୍ମାଣ୍ ଅଭିନବ ପଦ୍ଧତି ଇ କ୍ଷେତ୍ର ନ ପରିବର୍ତନ୍ ଆନ୍ବାର୍ ସମ୍ଭାବନା ରହିଛେ ବଲି  ରାଷ୍ଟ୍ରପତି କହିଛନ୍ ।

ଲୋକ୍‌ସଭା ନିର୍ବାଚନ୍ ଦ୍ୱିତୀୟ ପର୍ଯ୍ୟାୟ- ବିଜ୍ଞପ୍ତି/ଆର୍‌ଏନ୍‌ୟୁ/କଟକ୍

ଲୋକ୍‌ସଭା ନିର୍ବାଚନ୍ ର ଦୁଇ ନମ୍ବର୍ ଖେପ୍ ଲାଗି ଆଏଜ୍‌ଠାନୁ ନାମାଙ୍କନ୍ ପତ୍ର ଦାଖଲ୍ ପ୍ରକ୍ରିୟା ମୁଲ୍ ହେଇଛେ । ଇ ଖେପେ ୧୨ ଟା ରାଜ୍ୟ ଆଉ କେନ୍ଦ୍ରଶାସିତ୍ ଅଂଚଲ୍ ଆର୍ ଆଉଟର୍ ମଣିପୁର୍ ଆସନ୍ ସହେତେ ୮୮ ଟା ଲୋକ୍‌ସଭା ଆସନ୍ ଲାଗି ଭୋଟ୍ ହେବା । କେରଳର ୨୦ ଟା ଆସନ୍, କର୍ଣ୍ଣାଟକ୍‌ର ୧୪ ଟା, ରାଜସ୍ଥାନ୍‌ର ୧୩ ଟା, ଉତର୍‌ପ୍ରଦେଶ୍ ଆଉ ମହାରାଷ୍ଟ୍ରର ୮ ଟା ଲେଖା, ମଧ୍ୟପ୍ରଦେଶ୍‌ର ୭ ଟା, ଆସାମ୍, ବିହାର୍‌ର ୫ ଟା ଲେଖା, ପଶ୍ଚିମବଙ୍ଗ୍, ଛତିଶ୍‌ଗଡ୍ ର ୩ ଟା ଲେଖା ଆଉ ମଣିପୁର୍, ତ୍ରିପୁରା ଆଉ ଜାମ୍ମୁ କାଶ୍ମୀର୍‌ର ଗୁଟେ ଲେଖା ଆସନ୍ ନ ଭୋଟ୍ ହେବା ।

ଇଥିର୍‌ଲାଗି ଆଏବା ମାସ ୪ ତାରିଖ୍‌ତକ୍ ନାମାଙ୍କନ୍ ପତ୍ର ଦାଖଲ୍ କରାଯିବା । ଜାମ୍ମୁ-କାଶ୍ମୀର୍ ନ ୬ ତାରିଖ୍ ଦିନ ଆଉ ବାକି ରାଜ୍ୟ ଆଉ କେନ୍ଦ୍ରଶାସିତ ଅଂଚଲ୍ ନ ଏପ୍ରିଲ୍ ୫ ତାରିଖ୍ ଦିନ ନାମାଙ୍କନ ପତ୍ର ଯାଂଚ୍ କରାଯିବା । ଇ ସବୁ ଆସନ୍ ନ ପ୍ରାର୍ଥୀପତ୍ର ପ୍ରତ୍ୟାହାର୍ କର୍‌ବାର୍ ଶେଷ୍ ଦିନ୍ ଏପ୍ରିଲ୍ ୮ ତାରିଖ୍ ରହିଛେ । ଇତାର୍‌ଉତ୍‌ରୁ ଏପ୍ରିଲ୍ ୨୬ ତାରିଖ୍ ଦିନ ଭୋଟ୍ ହେବା ବଲି ସୂଚ୍‌ନା ମିଲିଛେ ।

ସେଆଡ଼େ ପହେଲା ଖେପ୍ ନାମାଙ୍କନ୍ ପତ୍ର ଦାଖଲ୍‌ର ଗଲାକାଏଲ୍ ଶେଷ୍ ଦିନ୍ ଥିଲା । ଇ ଖେପେ ୧୭ ଟା ରାଜ୍ୟ ଆଉ ୪ ଟା କେନ୍ଦ୍ରଶାସିତ୍ ଅଂଚଲ୍‌ର ଶହେ ୨ ଟା ଲୋକ୍‌ସଭା ଆସନ୍ ଲାଗି ଆଏବା ମାସ ୧୯ ତାରିଖ୍ ଦିନ ଭୋଟ୍ ହେବା ।

ଝାର୍‌ସୁଗୁଡ଼ା ନିର୍ବାଚନ୍ ଝାର୍‌ସୁଗୁଡ଼ା ସମ୍ବାଦଦାତା

ନିର୍ବାଚନ୍ ଘୋଷ୍‌ନା ହେବାର୍ ଉତ୍‌ରୁ ଝାର୍‌ସୁଗୁଡ଼ା ଜିଲ୍ଲା ନ ଭିନ୍ ଭିନ୍ ରାଜନୈତିକ୍ ଦଲ୍ ତର୍‌ଫୁ ନିର୍ବାଚନୀ ପ୍ରଚାର୍ ପ୍ରସ୍ତୁତି ମୁଲ୍ ହେଇଛେ । ସେନ୍ତା ନିର୍ବାଚନ୍ ଯେନ୍ତା ସୁରୁଖୁରୁଥି ହେବା ସେଥିର୍‌ଲାଗି ପ୍ରଶାସନ୍ ତର୍‌ଫୁ ଭିଲ୍ ପ୍ରସ୍ତୁତି ଚାଲିଛେ । ନିର୍ବାଚନ୍ କାମ୍‌ଥି ନିୟୋଜିତ୍ ହେଇଥିବା କର୍ମଚାରୀମାନ୍‌କୁ ଭିନ୍ ଭିନ୍ ଖେପେ ତାଲିମ୍ ଦିଆଯାଉଛେ ।

ନିର୍ବାଚନ୍ ପ୍ରସ୍ତୁତି ବାବ୍‌ଦେ ଜିଲ୍ଲା ରିଟର୍ଣ୍ଣିଂ ଅଧିକାରୀ ଉପ ଜିଲ୍ଲାପାଲ୍ ସବ୍ୟସାଚୀ ପଣ୍ଡା କହିଛନ୍...

(ଭଏସ୍ ଓଭର୍- ଉପଜିଲ୍ଲାପାଲ୍)

ସେଆଡ଼େ ଆମର୍ ଝାର୍‌ସୁଗୁଡ଼ା ସମ୍ବାଦଦାତା ବସନ୍ତ ଜେନା କହିଛନ୍...

(ଭଏସ୍ ଓଭର୍- ବସନ୍ତ ଜେନା)

ରାଜ୍ୟ ନିର୍ବାଚନ୍ ଅଧିକାରୀ-କଲାହାଣ୍ଡି   କଲାହାଣ୍ଡି ସମ୍ବାଦଦାତା

ରାଜ୍ୟ ନିର୍ବାଚନ୍ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ଦିନ୍‌କିଆ କଲାହାଣ୍ଡି ଜିଲ୍ଲା ଗସ୍ତଥି ଆସିକରି ଭବାନୀପାଟ୍‌ନା ଠାନେ ଆଏବା ନିର୍ବାଚନ୍ ବାବ୍‌ଦେ ଜିଲ୍ଲା ପ୍ରଶାସନ୍‌ର ପ୍ରସ୍ତୁତି ଆଉ ଆଇନ୍ ଶୃଙ୍ଖଳା ବାବ୍‌ଦେ ସମୀକ୍ଷା କରିଛନ୍ । କଲାହାଣ୍ଡି ଲୋକ୍‌ସଭା ଅଧିନ୍‌ଥି ଥିବା କଲାହାଣ୍ଡି ଆର୍ ନୂଆପଡ଼ାର୍ ୭ ଟା ବିଧାନ୍‌ସଭା ନିର୍ବାଚନ୍ ମଣ୍ଡଲୀ ନ କେନ୍ତା ନିରପେକ୍ଷ ଆର୍ ସ୍ୱଚ୍ଛ ନିର୍ବାଚନ୍ ହେବା, ସେ ବାବ୍‌ଦେ ସମୀକ୍ଷା କରିଥିଲେ । କଲାହାଣ୍ଡି ଆଉ ନୂଆପଡ଼ା ନକ୍ସଲ୍ ପ୍ରବଣ ହେଇଥିବାର୍‌ନୁ ଖାସ୍ କରି ଆଇନ୍‌ଶୃଙ୍ଖଳା ରକ୍ଷା ଲାଗି ପ୍ରସ୍ତୁତି ବାବ୍‌ଦେ ପୁଲିସ୍ ଅଧିକାରୀମାନ୍‌କର୍ ସାଙ୍ଗେ ଶ୍ରୀ ଧଳ ଆଲୋଚନା କରିଥିଲେ । ଅଧିକାରୀ, କର୍ମଚାରୀ କି ଠିକା କର୍ମଚାରୀ ନିର୍ବାଚନ୍‌ଥି କେନ୍‌ସି ରାଜନୈତିକ ଦଲ୍ ସାଙ୍ଗେ ସାମିଲ୍ ହେଇକରି ରାଜନୈତିକ୍ କାର୍ଯ୍ୟ ନାଇଁ କର୍‌ବାର୍‌କେ ସେ ସତର୍କ କରେଇଥିଲେ । ଇ ସମୀକ୍ଷା ବୈଠକ୍‌ଥି ଦକ୍ଷିଣାଂଚଲ୍ ରାଜସ୍ୱ କମିଶନର୍, କଲାହାଣ୍ଡି ଆଉ ନୂଆପଡ଼ା ଜିଲ୍ଲାର୍ ଜିଲ୍ଲାପାଲ୍ ଆଉ ଆରକ୍ଷୀ ଅଧିକ୍ଷକ ଯୋଗ୍ ଦେଇଥିଲେ ।

ପିଏଚ୍‌ଡ଼ି ନାଁଲେଖା          ଆର୍‌ଏନ୍‌ୟୁ/ କଟକ୍

ଦେଶେ ବିଶ୍ୱବିଦ୍ୟାଲୟମାନ୍‌କେ ପିଏଚ୍‌ଡି ପାଠ୍ୟକ୍ରମ୍‌ଥି ନାଁଲେଖାବାର୍ ଲାଗି ଛାତ୍ରଛାତ୍ରୀମାନ୍‌କୁ ଜାତୀୟ ଯୋଗ୍ୟତା ପରୀକ୍ଷା - ନେଟ୍ ଦେବାର୍‌କେ ପଡ଼୍‌ବା । ଜାତୀୟ ଟେଷ୍ଟିଂ ଏଜେନ୍ସି ଏନ୍‌ଟିଏ ତର୍‌ଫୁ ବିଶ୍ୱବିଦ୍ୟାଲୟ ଅନୁଦାନ୍ ଆୟୋଗ୍- ୟୁଜିସି ଇ ପରୀକ୍ଷା କର୍‌ବା । ଇ ଶିକ୍ଷାବଛର୍ ୨୦୨୪-୨୫ ନୁ ଜାତୀୟ ଟେଷ୍ଟିଂ ଏଜେନ୍ସିର ସ୍କୋର୍ ଜରିଆଥି ଛାତ୍ରଛାତ୍ରୀ ମାନେ ପିଏଚ୍‌ଡି ପାଠ୍ୟକ୍ରମ୍‌ଥି ନାଁ ଲେଖେଇପାର୍‌ବେ । ଆଏବା ଜୁନ୍ ମାସୁ ଇ ବ୍ୟବସ୍ଥା ଲାଗୁ ହେବା ବଲି ୟୁଜିସି ତର୍‌ଫୁ ସୂଚ୍‌ନା ମିଲିଛେ ।

ଏନ୍‌ଟିଏ - ଜେଇଇ ମେନ୍‌ସ୍          ଆର୍‌ଏନ୍‌ୟୁ/ କଟକ୍

ନେସ୍‌ନାଲ୍ ଟେଷ୍ଟିଂ ଏଜେନ୍ସି JEE Mains Second Session ଲାଗି ପରୀକ୍ଷା ଦେଉଥିବା ପରୀକ୍ଷାର୍ଥୀମାନ୍‌କର୍ ଲାଗି ଆଗୁଆ ଇଂଟିମେସନ୍ ସ୍ଲିପ୍ ଜାରି କରିଛେ । JEE Mains Second Session ପରୀକ୍ଷା ଏପ୍ରିଲ୍ ୪ ତାରିଖ୍ ନୁ ୧୨ ତାରିଖ୍ ଭିତ୍‌ରେ ହେବା । ଇ ପରୀକ୍ଷା ବିଦେଶ୍‌ର ୨୨ ଟା ସହର୍ ସହେତେ ୩ ଶହ ୧୯ ଟା ସହର୍‌ଥି ହେବା ।

ପିଏମ୍‌ଶ୍ରୀ ସ୍କୁଲ୍ ଯୋଜ୍‌ନା                ଆର୍‌ଏନ୍‌ୟୁ / କଟକ୍

ରାଏଜେ ଥିବା ସର୍‌କାରୀ ସ୍କୁଲ୍ ମାନ୍‌କେ ପିଏମ୍‌ଶ୍ରୀ ସ୍କୁଲ୍ ଯୋଜ୍‌ନା ଲାଗୁ କର୍‌ବାର୍ ଲାଗି ବିଦ୍ୟାଲୟ ଆଉ ଗଣଶିକ୍ଷା ବିଭାଗ୍ ତର୍‌ଫୁ ପ୍ରକ୍ରିୟା ମୁଲ୍ ହେଇଛେ । ଇଥିର୍‌ଲାଗି କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ସଙ୍ଗେ ବୁଝାମଣାପତ୍ର ସ୍ୱାକ୍ଷର୍ କର୍‌ବାର୍ ଲାଗି ରାଜ୍ୟ ସର୍‌କାର୍ ନିଷ୍ପତି ନେଇଛନ୍ । ଇ ବାବ୍‌ଦେ ଗଣଶିକ୍ଷା ବିଭାଗ୍ କମିଶନର୍ ଆଉ ସଚିବ ଅଶ୍ୱସ୍ତି ଏସ୍. ଶିକ୍ଷା ମନ୍ତ୍ରଣାଳୟକେ ଚିଠି ଲେଖିଛନ୍ । ବୁଝାମଣାପତ୍ର ସ୍ୱାକ୍ଷରିତ୍ ହେଲେ ଆଏବା ୨୦୨୪-୨୫ ଶିକ୍ଷାବଛର୍‌ନୁ ସବୁ ସ୍କୁଲ୍ ମାନ୍‌କେ ପିଏମ୍‌ଶ୍ରୀ ସ୍କୁଲ୍ ଯୋଜ୍‌ନା ଲାଗୁ ହେବା ।

ହୀରାକୁଦ୍- ଝାଡ଼ାବାନ୍ତି            ଆର୍‌ଏନ୍‌ୟୁ/ କଟକ୍

ସମ୍ବଲ୍‌ପୁର୍ ମହାନଗର୍ ନିଗମ୍‌ର ହୀରାକୁଦ୍ ସହର୍ ନ ଚାପିଥିବା ଝାଡ଼ାବାନ୍ତି ଏଛେନ୍ ଆଏତ୍‌ଥି ଅଛେ ବଲି ହୀରାକୁଦ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର୍ ଅଧିକ୍ଷକ କହିଛନ୍ । ଆଏଜ୍ ୩ ଝନ୍ ନୂଆଁ ଆକ୍ରାନ୍ତ ଚିହ୍ନଟ୍ ହେଇଛନ୍ । ସେମାନ୍‌କୁ ହୀରାକୁଦ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନ ଚିକିତ୍ସା କରାଯାଉଛେ । ସେଆଡ଼େ ୨ ଝନ୍ ଆକ୍ରାନ୍ତ ଭଲ୍ ହେବାର୍ ଉତ୍‌ରୁ ଡାକ୍ତର୍‌ଖାନାନୁ

ଘର୍‌କେ ଫିରିଛନ୍ । ଜିଲ୍ଲା ପ୍ରଶାସନ୍ ତର୍‌ଫୁ ବ୍ୟାପକ୍ ସଚେତନ୍ କରାଯିବାର୍ ସହେତେ ସହରର୍ ଭିନ୍ ଭିନ୍ ଇଲାକା ସହେତେ ଅଙ୍ଗନବାଡ଼ି କର୍ମୀ, ଆଶାକର୍ମୀ ଘର୍ ଘର୍ ବୁଲିକରି ଲୁକ୍‌କର୍ ସ୍ୱାସ୍ଥ୍ୟ ଅବସ୍ଥା ବୁଝ୍‌ବାର୍ ସହେତେ ଉଷୋ ବାଂଟୁଛନ୍ ।

ପ୍ରକାଶ୍ ରାଜ୍ ଗାବ୍ରିଆଲ୍ ଅବସର ଆର୍‌ଏନ୍‌ୟୁ/ ସମ୍ବଲପୁର

ଆକାଶ୍‌ବାଣୀ ସମ୍ବଲପୁର କେନ୍ଦ୍ର ନ କାର୍ଯ୍ୟରତ ସହାୟକ ଯନ୍ତ୍ରୀ ପ୍ରକାଶ୍ ରାଜ୍ ଗାବ୍ରିଆଲ୍ ଆଏଜ୍ ଅବସର ନେଇଛନ୍ । ସେ ୧୯୯୬ ମସିହା ମେଘାଲୟର୍ ଆକାଶ୍‌ବାଣୀ ଆଇଜଲ୍ କେନ୍ଦ୍ର ନ ଅଭିଯାନ୍ତ୍ରିକ ସହାୟକ ଭାବେ ଚାକିରୀ ମୁଲ୍ କରିଥିଲେ । ତାର୍ ଉତାରୁ ୨୦୦୨ ମସିହା ଆକାଶ୍‌ବାଣୀ ସମ୍ବଲ୍‌ପୁର୍ କେନ୍ଦ୍ରକେ ବଦ୍‌ଲି ହେଇକରି ଆସିଥିଲେ । ଆକାଶ୍‌ବାଣୀ ସମ୍ବଲ୍‌ପୁର୍ କେନ୍ଦ୍ର ନ ସେ ୨୦୨୨ ସାଲେ ବରିଷ୍ଠ ଅଭିଯାନ୍ତ୍ରିକି ସହାୟକ ଆର୍ ତାର୍ ଉତାରୁ ୨୦୨୪ ଥି ସହାୟକ ଯନ୍ତ୍ରୀ ଭାବେ ପଦୋନ୍ନତି ପାଇଥିଲେ । ଆଏଜ୍ ଆକାଶ୍‌ବାଣୀ ରିକ୍ରିଏସନ୍ କ୍ଲବ୍ ତର୍‌ଫୁ ତାଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା ।

ଆନ୍ତର୍ଜାତୀୟ ନାଟକ୍ ମହୋତ୍ସବ          ଆର୍‌ଏନ୍‌ୟୁ/ ସମ୍ବଲପୁର

ସମ୍ବଲ୍‌ପୁର୍‌ର ନାଟ୍ୟ ଅନୁଷ୍ଠାନ୍ 'ସ୍ୱର' ତର୍‌ଫୁ ସମ୍ବଲ୍‌ପୁର୍ ବିଶ୍ୱବିଦ୍ୟାଲୟର୍ ପ୍ରଦର୍ଶନ କଲା ବିଭାଗ୍ ସହଭାଗିତାଥି ଆଏବା କାଏଲ୍‌ନୁ ୩୧ ତାରିଖ୍‌ତକ୍ ସମ୍ବଲ୍‌ପୁର୍ ବିଶ୍ୱବିଦ୍ୟାଲୟର ବିଜୁ ପଟ୍ଟନାୟକ୍ ପ୍ରେକ୍ଷାଳୟ ନ ଆନ୍ତର୍ଜାତୀୟ ନାଟକ୍ ମହୋତ୍ସବ୍ ହେବା । ଇଥି ୨ ଟା ଆନ୍ତର୍ଜାତୀୟ ନାଟକ୍ ଦଲ୍ ଆର୍ ଗୁଟେ ଜାତୀୟ ଦଲ୍ ଭାଗ୍ ନେବେ ।

ପାଣିପାଗ      ଆର୍‌ଏନ୍‌ୟୁ/ କଟକ୍

ରାଜ୍ୟର୍ ଭିନ୍ ଭିନ୍ ଇଲାକା ନ ପାଗ୍ ଶୁଖା ରହୁଥିବାର୍‌ନୁ ଆଏବା ୩ ଦିନ୍ ଭିତ୍‌ରେ ତାପମାତ୍ରା ୨ ନୁ ୩ ଡିଗ୍ରୀ ସେଲ୍‌ସିଅସ୍ ବଢ଼୍‌ବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ ବିଜ୍ଞାନ କେନ୍ଦ୍ର ତର୍‌ଫୁ କୁହାୟାଇଛେ । ସେନ୍ତା ପଶ୍ଚିମ ଆଭ୍ୟନ୍ତରିଣ ଆଉ ଦକ୍ଷିଣ ଓଡ଼ିଶାର୍ ବହୁତ୍‌ଟେ ଜାଗା ନ ତାପମାତ୍ରା ୩୮ ନୁ ୪୦ ଡିଗ୍ରୀ ଆଉ ଉପକୂଳ ଆଉ ଉତର୍ ଓଡ଼ିଶାର୍ ତାପମାତ୍ରା ୩୬ ନୁ ୩୮ ଡିଗ୍ରୀ ଭିତ୍‌ରେ ରହେବା ବଲି ଅନୁମାନ୍ କରାୟାଇଛେ । ଇ ମାସର୍ ଶେଷ୍‌ତକ୍ ପାଗ୍ ଶୁଖା ରହେବା ।